# Akashvani, Sambalpur

# SAMBALPURI NEWS BULLETIN

## 16 July 2024- 6.47- 6.52 am.

**********************************************

ବାହୁଡ଼ାଯାତ୍ରା ଆର୍ଏନ୍ୟୁ/ ସମ୍ବଲପୁର

ପୁରୀ ଶ୍ରୀକ୍ଷେତ୍ର ନ ଶ୍ରୀଜୀଉମାନ୍କର୍ ରଥ ବାହୁଡ଼ାଯାତ୍ରାଥି ଶ୍ରୀମନ୍ଦିର୍ର ସିଂହଦୁଆର ଆଗାଡ଼େ ପୁହୁଁଚିଛେ । ଗଲାକାଏଲ୍ ମାହାପୁରୁମାନ୍କର୍ ପହଣ୍ଡି ନୁ ନେଇକରି ସବୁ ନୀତିକାନ୍ତି ସୁରୁଖୁରୁଥି ହେଇଥିଲା । ଫିର୍ଲା ବାଟେ ମାଉସୀମାଙ୍କର୍ ହାତୁ ମହାପ୍ରଭୁ ପୋଡ଼ପିଠା ଖାଇଥିଲେ ଆଉ ଲକ୍ଷ୍ମୀନାରାୟଣ ଭେଟ ନୀତି ହେଇଥିଲା । ଆଏବା କାଏଲ୍ ହରିଶୟନ ଏକାଦଶୀ ତିଥି ଥି ରଥାରୁଢ଼ ଶ୍ରୀଜୀଉମାନ୍କର୍ ସୁନାବେଶ ହେବା । ଗୁରୁବାର୍ ଦିନ ରଥଥି ଅଧରପଣା ନୀତି ଆଉର୍ ଶୁକ୍ରବାର୍ ଦିନ ଉପର୍ବେଲା ମାହାପୁରୁମାନେ ନୀଳାଦ୍ରୀ ବିଜେ କର୍ବେ । ଭକ୍ତମାନେ ଯେନ୍ତା ଶ୍ରୀଜୀଉମାନ୍କର୍ ଅଧରପଣା ନୀତି ଆର୍ ସୁନାବେଶ ଦର୍ଶନ୍ କରିପାର୍ବେ ହେଥିର୍ଲାଗି ରେଲ୍ବାଇ ତର୍ଫୁ ୭୬ ଟା ସ୍ୱତନ୍ତ୍ର

ଟ୍ରେନ୍ ବ୍ୟବସ୍ଥା କରାଯାଇଛେ । ପହେଲାଥର୍ ଲାଗି ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲାନୁ ସ୍ୱତନ୍ତ୍ର ଟ୍ରେନ୍ ମାନ୍ ଚାଲ୍‌ବା ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣିକେ ଖାଲି ଭୁବ୍‌ନେଶ୍ୱର୍ ନ ସୀମିତ ନାଇଁ ରଖିକରି ଆଏବା ଦିନେ ରାଜସ୍ୱ ଡିଭିଜନ୍‌ସ୍ତର ନ ଭିଲ୍ ଅଭିଯୋଗ୍ ଶୁଣାଣି କର୍‌ବାର୍‌କେ ବିଚାର୍ କରାଯାଉଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍ ନ ଅଭିଯୋଗ୍ ଶୁଣାଣି ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଜ୍ୟର୍ ଲୁକ୍‌କୁ ନ୍ୟାୟ ଦେବାର୍ ଉପ୍‌ରେ ତାଙ୍କର୍ ସର୍‌କାର୍ ପ୍ରାଥମିକତା ଦେଉଛନ୍ । ସେ ନିଜେ ଆର୍ ତାଙ୍କର୍ ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟମାନେ ଉପସ୍ଥିତ୍ ରହିକରି ଲୋକ୍‌ମାନ୍‌କର୍ ଅଭିଯୋଗ୍ ଶୁନ୍‌ବାର୍ ସହେତେ ହେତାର୍ ତୁର୍‌ତି ସମାଧାନ୍ ଲାଗି ପଦକ୍ଷେପ୍ ନିଆଯାଉଛେ । ଇଥି ଲୁକ୍‌କୁ ତୁର୍‌ତି ନ୍ୟାୟ ଦେବାର୍‌ଟା ସମ୍ଭବ୍ ହେଇପାରୁଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଭିନ୍ନକ୍ଷମ ସଶକ୍ତିକରଣ୍ ମନ୍ତ୍ରୀ         ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଭିନ୍ନକ୍ଷମ ମାନ୍‌କର୍ ଲାଗି ରହିଥିବା ଯୋଜ୍‌ନା ମାନ୍ ଯେନ୍ତା ସହଜ୍ ଭାବେ ମିଲିପାର୍‌ବା, ହେତାର୍ ଉପ୍‌ରେ ରାଜ୍ୟ ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ  ଜୋର୍ ଦେଇଛନ୍ । ଗଲାକାଏଲ୍ ଭୁବ୍‌ନେଶ୍ୱର୍‌ର ବିଭାଗ୍‌ର ଗୁଟେ ସମୀକ୍ଷା ବୈଠକ୍‌ଥି ମନ୍ତ୍ରୀ ଶ୍ରୀ ଗଣ୍ଡ ଉଚ୍ଚଶିକ୍ଷା ଆଉ ରୋଜ୍‌ଗାର୍ ଦିଗେ ଆଇନ୍ ଅନ୍‌ସାରେ ଭିନ୍ନକ୍ଷମ ମାନ୍‌କର୍ ଲାଗି ସଂରକ୍ଷଣ୍, ବ୍ଲକ୍ ସ୍ତର ନ ଭିନ୍ନକ୍ଷମ ମିତ୍ର ଚୟନ, ବିନା ସୁଧ ନ ରଣ ଆର୍ ଆନ୍ତଃ ଭିନ୍ନକ୍ଷମ ବିବାହଥି ପ୍ରୋତ୍ସାହନ ରାଶି ବାଗିର୍ ବାକି ବ୍ୟବସ୍ଥା ଯେନ୍ତା ଠିକ୍ ଭାବେ କାର୍ଯ୍ୟକାରୀ ହେଇପାର୍‌ବା ସେ ଦିଗେ ଅଧିକାରୀ ମାନେ ପଦକ୍ଷେପ୍ ନେବାର୍‌କେ ପରାମର୍ଶ ଦେଇଥିଲେ ।

ଅଯୋଧ୍ୟା ସରୋବର-ଧର୍ମେନ୍ଦ୍ର ପ୍ରଧାନ୍ ଚିଠି    ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର୍‌ର ମହାନଦୀଥି ଅଯୋଧ୍ୟା ସରୋବର୍ ରିଭର୍‌ଫ୍ରଂଟ୍ ଡେଭଲପ୍‌ମେଂଟ୍ ପ୍ରୋଜେକ୍ଟ୍‌ଥି ବିକଶିତ୍ କର୍‌ବାର୍ ଲାଗି

ସମ୍ବଲ୍‌ପୁରର୍ ସାଂସଦ୍ ଆର୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ - ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଚିଠି ଲେଖିକରି ଅନୁରୋଧ୍ କରିଛନ୍ । ଅଯୋଧ୍ୟା ସରୋବର୍‌କେ ଆଧୁନିକ୍ ଜ୍ଞାନ୍ କୌଶଲ୍ ଜରିଏ ପୁନରୁଦ୍ଧାର୍ କରିକରି ରିଭର୍ ଫ୍ରଂଟ୍ ନ ୭ କିଲୋମିଟର୍ ଲମ୍ବା ଜଲାଶୟ ତିଆର୍ କର୍‌ବାର୍ ଦର୍‌କାର୍ ଅଛେ ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ତାଙ୍କର୍ ଚିଠିଥି ଦର୍ଶେଇଛନ୍ । ଇତାର୍‌ସଙ୍ଗେ ଅଯୋଧ୍ୟା ସରୋବର୍ ନ ପଡୁଥିବା ସହରର୍ ସବୁ ନାଲାଥି ସ୍ଲୁଇସ୍‌ର ବ୍ୟବସ୍ଥା କରାଯାଇପାର୍‌ବା ବଲି ଚିଠିଥି ଦର୍ଶାଯାଇଛେ ।

ଓଡ଼ିଶା ହାଇକୋର୍ଟ ରୁଲ୍ସଥି ସଂଶୋଧନ   ଆର୍‌ଏନ୍‌ୟୁ /ସମ୍ବଲପୁର

ଦେଶେ ଗଲା ୧ ତାରିଖ୍‌ନୁ ନୂଆଁ ଫୌଜ୍‌ଦାରୀ ଆଇନ୍ ଲାଗୁ ହେଇଥିବାର୍ ବେଲେ ହେ ବାବ୍‌ଦେ ଓଡ଼ିଶା ହାଇକୋର୍ଟ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ନୂଆଁ ଫୌଜଦାରୀ ଆଇନ୍‌କେ ନଜର୍‌ଥି ରଖିକରି ଓଡ଼ିଶା ହାଇକୋର୍ଟ ରୁଲ୍ସଥି ସଂଶୋଧନ୍ କରାଯାଇଛେ । ଏତ୍‌କର ହେତାକେ ରୁଲ୍ସ ଅଫ୍ ହାଇକୋର୍ଟ ଅଫ୍ ଓଡ଼ିଶା ବଲି କୁହାଯିବା । ହେ ଅନ୍‌ସାରେ

ରାଏଜେ ଭାରତୀୟ ପିଙ୍ଗଲକୋଡ୍ ଜାଗା ନ ଭାରତୀୟ ନ୍ୟାୟ ସଂହିତା ଫୌଜଦାରୀ ଦଣ୍ଡବିଧି ଜାଗାନା  ଭାରତୀୟ ନାଗରିକ୍ ସଂହିତା ଆର୍ ଏଭିଡେନ୍ସ ଏକ୍ଟ ବଦ୍‌ଲା ଭାରତୀୟ ସାକ୍ଷ୍ୟ ଅଧିନିୟମ୍ ଲାଗୁ ହେବା ।

ଜାତୀୟ ଶିକ୍ଷକ୍ ପୁରସ୍କାର୍-୨୦୨୪        ଆର୍‌ଏନ୍‌ୟୁ /ସମ୍ବଲପୁର

କେନ୍ଦ୍ର ଶିକ୍ଷାମନ୍ତ୍ରଣାଲୟ ତର୍‌ଫୁ ଜାତୀୟ ଶିକ୍ଷକ୍ ପୁରସ୍କାର୍-୨୦୨୪ର ଆବେଦନ୍ ତାରିଖ୍ ବଢ଼ାଯାଇଛେ । ଇ ପୁରସ୍କାର୍ ଲାଗି ଆଏବା ୧୮ ତାରିଖ୍‌ତକ୍ ଆଦେବନ୍ କରାଯାଇପାର୍‌ବା । ଇନ ଜନେଇ ଦିଆଯାଇପାରେ ଯେ, ଗଲା ଜୁନ୍ ମାସ ୨୭ ତାରିଖ୍‌ନୁ ମୁଲ୍ ହେଇଥିବା ଇ ଆବେଦନ୍ ପ୍ରକ୍ରିୟା ଆଏଜ୍ ଶେଷ୍ ହେବାର୍‌କେ ଥିଲା ।

ରାଜ୍ୟ ସର୍‌କାର୍- ୫ ଲାଖ୍ ଟାରା        ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍କାର୍‌ଙ୍କର୍ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଜାତୀୟ ସେବା ଯୋଜ୍‌ନା - ଏନ୍‌ଏସ୍‌ଏସ୍ ଜରିଏ 'ମା ନାଁଥି ଗଛ୍‌ଟେ' ଅଭିଯାନ୍‌ଥି ସାରା ରାଏଜେ ୫ ଲାଖ୍ ଚାରା ଲଗାଯାଉଛେ । ହେଥିର୍‌ଲାଗି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଜୟଦେବ୍ ଭବନ୍ ନ ଗୁଟେ ପରାମର୍ଶ କାର୍ଯ୍ୟକ୍ରମ୍‌ଥି ଲକ୍ଷ୍ୟ ହାସଲ୍ ଉପ୍‌ରେ ଜୋର୍ ଦିଆଯାଇଛେ ।

ଖୃଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର-ବିଧାୟକ୍ ପରିଦର୍ଶନ୍

ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାର୍ ରେଙ୍ଗାଲି ବିଧାୟକ୍ ସୁଦର୍ଶନ୍ ହରିପାଲ୍ ଗଲାକାଏଲ୍ ଖୃଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନ ଅକସ୍ମାତ୍ ପୁହୁଁଚିକରି ସେନ ଦର୍‌କାର୍ ଅନ୍‌ସାରେ ଡାକ୍ତର୍ ଆର୍ କର୍ମଚାରୀ ନାଇଁଥିବାର୍ ଦେଖିଥିଲେ । ସେନ ଦର୍‌କାର୍ ଅନ୍‌ସାରେ ଡାକ୍ତର୍ ନିଯୁକ୍ତି କର୍‌ବାର୍ ଲାଗି ବିଧାୟକ୍ ଶ୍ରୀ ହରିପାଲ୍ ଦାବି ରଖିଥିଲେ ।

ଦୁର୍ଘଟଣା      ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ୍ ଇଲାକାର୍ କଲାମାଟି ଗାଁ ନ ଗୁଟେ ଟ୍ରକ୍ ସ୍କୁଟିକେ ଧକ୍କା ଦେବାର୍‌ନୁ ଝନେ ୧୩ ବଛର୍ ବୟସର୍ ପିଲାର୍ ଜୀବନ୍ ଯାଇଛେ । ମୁଡ଼େ ଆଘାତ୍ ସାଙ୍ଗେ ବୁର୍ଲା ଡାକ୍ତର୍‌ଖାନାଥି ଚିକିତ୍ସିତ୍ ହେଉଥିବାର୍ ଅବସ୍ଥା ନ ତାକର୍ ମୃତ୍ୟୁ ହେଇଥିଲା । ସେ ସମ୍ବଲ୍‌ପୁର୍ ସହରର୍ ଗୋପାଲ୍‌ମାଲ୍ ଇଲାକାର୍ ବାସିନ୍ଦା ଆର୍ କଲାମାଟିକେ ତାଙ୍କର୍ ଅଜା ଘର୍‌କେ ଯାଇଥିବାର୍ ଜନାପଡ଼ିଛେ ।

ଚାଷୀ ପଞ୍ଜିକରଣ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଖରିଫ୍ ଧାନ୍ ବିକ୍ରି ଲାଗି ଚାଷୀ ପଞ୍ଜିକରଣ୍ ମୁଲ୍ ହେଇଛେ । ଚାଷୀ ପଞ୍ଜିକରଣ୍ ଆଏବା ଅଗଷ୍ଟ ମାସର୍ ୧୬ ତାରିଖ୍‌ତକ୍ ଚାଲ୍‌ବା । ଚାଷୀମାନେ ପ୍ରାଥମିକ କୃଷି ସମବାୟ ସମିତି, ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଆଉ ପାଣି ପଂଚାୟତ୍ ନୁ ଧାରିଜ୍ ଫର୍ମଥି ପଞ୍ଜିକରଣ୍ କରେଇପାର୍‌ବେ । ସମବାୟ ବିଭାଗ୍‌ର ୱେବ୍‌ସାଇଟ୍ www.foododisha.in ନ ଭିଲ୍ ପଞ୍ଜିକରଣ୍ ଫର୍ମ ମିଲୁଛେ । ଭାଗ୍‌ଚାଷୀମାନେ ଭିଲ୍ ପଞ୍ଜିକରଣ୍ ପ୍ରକ୍ରିୟାଥି ସାମିଲ୍ ହେଇପାର୍‌ବେ । ହେଲ୍ପଲାଇନ୍ ନମ୍ବର୍ ୧୯୬୭

ଥୁ ଚାଷୀମାନେ ଅଏତ୍କା ସୂଚନା ପାଇପାର୍ବେ ବଲି ସମବାୟ ବିଭାଗ୍ ତର୍ଫୁ କୁହାଯାଇଛେ ।

ପାଣିପାଗ ଆର୍ଏନ୍ୟୁ /ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଥିବାର୍ ବେଲେ ରାଏଜେ ବର୍ଷା ବଢ଼ିପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ କୁହାଯାଇଛେ । ସୂଚ୍ନା ଅନ୍ସାରେ ପଶ୍ଚିମ ଓଡ଼ିଶାର୍ ବଲାଙ୍ଗିର୍, ନୂଆପଡ଼ା ଆର୍ କଲାହାଣ୍ଡି ଜିଲ୍ଲା ସହେତେ ଦକ୍ଷିଣ୍ ଓଡ଼ିଶାର୍ ଜିଲ୍ଲାମାନ୍କୁ ବର୍ଷା ହେଇପାରେ ।